# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

**ବୁଣାଧାନ:**

ବର୍ଷାଶ୍ରୀତ ସ୍ୱଳ୍ପଖାଲୁଆ ଅଞ୍ଚଳରେ ଛଟା ବୁଣା କରାଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ, ତେବେ ବେଉଷଣି କରି ଏକର ପିଛା ୧୨ କି.ଗ୍ରା. ୟୁରିଆ ପ୍ରଥମ ମୂଳସାର ଭାବେ ପ୍ରୟୋଗ କରନ୍ତୁ।

**ରୁଆ ଧାନ:**

- ଯଦି ତଳିଘରାରେ ବକାନେ (Bakane) ରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୧୨% ସହିତ ମାଙ୍କୋଜେବ୍ ୬୩% ଡବ୍ଲୁ.ପି. (ସାଫ୍ , ରିପର, ସିକ୍ସର କିମ୍ବା କମ୍ପାନିଅନ୍ ଇତ୍ୟାଦି) ଏକ ଲିଟର ପାଣିରେ ୨.୫ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ପାଇଁ ଟ୍ରାଇସାଇକ୍ଲୋଜୋଲ୍ ୭୫ ଡବ୍ଲୁ.ପି. ଔଷଧକୁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ମିଶାଇ ତଳିଘରାରେ ପ୍ରୟୋଗ କରନ୍ତୁ ଏବଂ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. (୨ ଗ୍ରାମ୍ ଏକ ଲିଟର ପାଣିରେ) ରେ ମିଶାଯାଇଥିବା ଦ୍ରବଣରେ ତଳିର ମୂଳକୁ ବୁଡାଇବା ପରେ ତଳିକୁ ରୁଅନ୍ତୁ।
- ତଳିଘରାରୁ ତଳିକୁ ଉପାଡିବା ପରେ ଏହାକୁ କ୍ଲୋରୋପାଇରିଫସ୍ ୨୦ ଇ.ସି.(୧ ମି.ଲି. ପ୍ରତି ଲିଟର ପାଣିରେ) ଦ୍ରବଣରେ ତଳିମୂଳକୁ ବୁଡାଇ ରଖନ୍ତୁ, ଏହାଦ୍ୱାରା ରୋଇବାର ଏକ ମାସ ପର୍ଯ୍ୟନ୍ତ କୌଣସି ପୋକ ଲାଗିବାର ସମ୍ଭାବନା କମ୍ ହୁଏ।
- ପତ୍ରପୋଡା ରୋଗ ପ୍ରାର୍ଦୁଭାବ ଦେଖାଯାଉଥିବା ଅଞ୍ଚଳରେ ତଳିକୁ ଷ୍ଟ୍ରେପ୍ଟୋମାଇସିନ୍ (୦.୧ ଗ୍ରାମ୍ ପ୍ରତି ଲିଟର ପାଣିରେ) ଦ୍ରବଣରେ ତଳି ବିଶୋଧନ କରନ୍ତୁ।
- ଅଗଷ୍ଟ ମାସର ପ୍ରଥମ ପକ୍ଷ ସୁଧା ତଳି ରୋଇବା କାମ ସାରିଦେବା ଉଚିତ୍ । ଅଧିକ ଅମଳ କ୍ଷମ କିସମ ପାଇଁ ଶେଷଥର ଜମି ପ୍ରସ୍ତୁତି ସମୟରେ ଏକର ପିଛା (କ)୪ କି.ଗ୍ରା.ୟୁରିଆ, ୩୫ କିଗ୍ରା. ଡି.ଏ.ପି. ଏବଂ ୧୩.୫ କିଗ୍ରା. ଏମ୍.ଓ.ପି କିମ୍ବା (ଖ) ୧୭ କିଗ୍ରା. ୟୁରିଆ, ୧୦୦ କି.ଗ୍ରା. ଏସ୍.ଏସ୍.ପି ଏବଂ ୧୩.୫ କିଗ୍ରା ଏମ୍.ଓ.ପି. ପ୍ରୟୋଗ କରନ୍ତୁ।
- ବିଭିନ୍ନ ପ୍ରକାର ଘାସ ଦମନ ପାଇଁ ବେନ୍‌ସଲଫ୍ୟୁରନ୍ ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର (ରେଡିମିକ୍ସ) ଦାନାଦାର ଯାହାକି ଲୋଣ୍ଡାକ୍ସ ପାଓ୍ୱାର ନାମରେ ବଜାରରେ ମିଳୁଛି, ଏହାକୁ ୪ କି.ଗ୍ରା ପ୍ରତି ଏକର ପିଛା ୪ କି.ଗ୍ରା. ବାଲିରେ ମିଶାଇ, ରୋଇବାର ୩ ରୁ ୫ ଦିନ ପରେ ପ୍ରୟୋଗ କରନ୍ତୁ।
- ଦସ୍ତା ପରିମାଣ କମ୍ ଥିବା ଜମିରେ, ଜିଙ୍କ ସଲ୍‌ଫେଟ୍‌କୁ ପ୍ରତି ଏକର ଜମିରେ ୧୦ କି.ଗ୍ରା. ହିସାବରେ ଶେଷଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ କିମ୍ବା Zn-EDTA କୁ ପ୍ରତି ଲିଟର ପାଣିରେ ଅଧାଗ୍ରାମ ମିଶାଇ ଦୁଇଥର, ଯଥା ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ସିଞ୍ଚନ କରନ୍ତୁ।
- ପ୍ରତି ବୁଦାରେ ୨ ରୁ ୩ ଟି ହିସାବରେ ତଳି ଏବଂ ଧାଡିକୁ ଧାଡି ୨୦ ସେ.ମି. ଓ ବୁଦାକୁ ବୁଦା ୧୫ ସେ.ମି. ବ୍ୟବଧାନରେ ରୋଇଦିଅନ୍ତୁ। ରୋଇବାର ୧୦ ଦିନ ପର୍ଯ୍ୟନ୍ତ ୧ ରୁ ୨ ସେ.ମି. ଠିଆ ପାଣି ବିଲରେ ରଖନ୍ତୁ। ତଳି ଅଧିକ ଦିନର ହୋଇଯାଇ ଥିଲେ, ବୁଦାପ୍ରତି ୪ ରୁ ୫ ଟି ତଳି ରୁଅନ୍ତୁ।
- ମାଟିଆ ଗୁଣ୍ଡିପୋକ ପ୍ରାର୍ଦୁଭାବ ଦେଖାଯାଉଥିବା ଅଞ୍ଚଳରେ, ତଳି ରୋଇବା ସମୟରେ ବିଲରେ ୮ ରୁ ୧୦ ଧାଡି ରୋଇବା ପରେ ଗୋଟେ ଧାଡି ଖାଲି ଛାଡନ୍ତୁ। ଏହାଦ୍ୱାରା ପୋକର ଆକ୍ରମଣ ବ୍ୟାପି ନଥାଏ।
- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ରୁଆଧାନରେ ପ୍ରତି ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଫେରୋମନ୍ ଯନ୍ତ୍ରା ବସାନ୍ତୁ। ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତ୍ରାପ୍ରତି ୪ ରୁ ୫ଟି ହୋଇଯିବ, ଏକର ପିଛା ୪ କି.ଗ୍ରା. ରାଇନାକ୍ସିପାର ୦.୪ ଜି ଔଷଧ ସହ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ।

❖ ଶୀଘ୍ର ତଳି ରୁଆଯାଇଥିବା ଜମିରେ, ଯଦି ଉକୁଣିଆପୋକ (Thrips) ଏବଂ ହଳଦିଆ କାଣ୍ଡବିନ୍ଧା ପୋକ ଦେଖାଯାଏ, ସେଠାରେ ଋଷୀମାନେ ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫ % କୁ ହେକ୍ଟର ପିଛା ୨.୫ ଲିଟର କିମ୍ବା ରାସାୟନିକ ଔଷଧ କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆରକୁ ହେକ୍ଟର ପିଛା ୪୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ହଳଦିଆ କାଣ୍ଡବିନ୍ଧା ପୋକ ପାଇଁ କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ.ସି.କୁ ହେକ୍ଟର ପିଛା ୩୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ । ମାତ୍ର ଉକୁଣିଆ ପୋକ ଦମନ ପାଇଁ ଲାମ୍ବଡା-ସାଇହାଲୋଥ୍ରିନ୍ ୫% ଇସି.କୁ ୧୨.୫ ମି.ଲି. ପ୍ରତି ହେକ୍ଟର ପିଛା କିମ୍ବା ଥାୟାମେଥୋକ୍ସାମ୍ ୨୫% ଡବ୍ଲୁ.ଜିକୁ ୨୫ ଗ୍ରାମ୍ ପ୍ରତି ହେକ୍ଟର ହିସାବରେ ପ୍ରୟୋଗ କରନ୍ତୁ ।

******